# NATIONAL NEWS BULLETIN (ODIA)

**21 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶକୁ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ ନେତାଙ୍କ ଆବଶ୍ୟକତା ରହିଛି - କହିଲେ ପ୍ରଧାନମନ୍ତ୍ରୀ ।
- ରାଜନୈତିକ ମତଭେଦରୁ ଊର୍ଦ୍ଧ୍ୱକୁ ଆସି ଛାତ୍ରଛାତ୍ରୀଙ୍କ ହିତପାଇଁ ନୂଆ ଶିକ୍ଷାନୀତି ଲାଗୁ କରିବାକୁ ଆହ୍ୱାନ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।
- ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ନିରବଚ୍ଛିନ୍ନ ଯୋଗାଣ ଉପରେ ଖଣି ରାଷ୍ଟ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।
- ଆଇସିସି ଚମ୍ପିଆନ୍ସ ଟ୍ରଫିରେ ଆଜି ମୁହାଁମୁହିଁ ହେବେ ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ।

ଏବଂ

- ଇଣ୍ଡିଆନ୍ ସୁପର ଲିଗ୍‌ରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ସାମ୍ନାସାମ୍ନି ହେବେ ୟୁନାଇଟେଡ୍ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ।

---

## ପିଏମ୍-ସୋଲ୍ କନ୍‌କ୍ଲେଭ

ଭାରତ ଏକ ବିଶ୍ୱଶକ୍ତି ଭାବରେ ଉଭା ହେଉଛି ବୋଲି ଦେଶକୁ ପ୍ରତ୍ୟେକ କ୍ଷେତ୍ରରେ ଶକ୍ତିଶାଳୀ ନେତାଙ୍କ ଆବଶ୍ୟକତା ରହିଛି ବୋଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ସ୍କୁଲ ଅଫ୍ ଅଲ୍‌ଟିମେଟ୍ ଲିଡରସିପ୍ କନ୍‌କ୍ଲେଭ-ସୋଲ୍'ର ପ୍ରଥମ ସଂସ୍କରଣ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି ଦେଶକୁ ଏଭଳି ବିଶ୍ୱସ୍ତରୀୟ ନେତୃତ୍ୱର ଆବଶ୍ୟକତା ରହିଛି ଯେ, ବିଶ୍ୱସ୍ତରୀୟ ସମସ୍ୟାର ସମାଧାନ କରିପାରିବେ ଏବଂ ଦେଶର ବିକାଶ ପ୍ରକ୍ରିୟାକୁ ନୂଆ ଦିଗ ପ୍ରଦାନ କରିପାରିବେ । ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏକ ବିଶ୍ୱସ୍ତରୀୟ ଶାସନ ବ୍ୟବସ୍ଥା ଏବଂ ନୀତି ନିର୍ଦ୍ଧାରିତ ଇକୋ ସିଷ୍ଟମ ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଗୁରୁତ୍ୱାରୋପ କରିଛନ୍ତି ।

**V/O- (PM on Soul)**

ବିଶ୍ୱସ୍ତରୀୟ ନେତୃତ୍ୱ ଗଠନରେ ସୋଲ୍'ର ଗୁରୁତ୍ୱ ଉପରେ ଶ୍ରୀ ମୋଦୀ କହିଛନ୍ତି ଏକ ରାଷ୍ଟ୍ରର ବିକାଶରେ ମାନବ ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

**V/O- (PM on 21 Century)**

ସେ କହିଛନ୍ତି ପ୍ରତ୍ୟେକ ଭାରତୀୟ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ କଠିନ ପରିଶ୍ରମ କରୁଛନ୍ତି । ତେଣୁ ଦେଶକୁ ଏଭଳି ସମ୍ବଳର ଆବଶ୍ୟକତା ରହିଛି ଯାହା ଉଦ୍‌ଭାବନ ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି ସୋଲ୍ ସେହିଭଳି ନେତାମାନଙ୍କୁ ପୂର୍ଣ୍ଣ ରୂପ ପ୍ରଦାନ କରିବ, ଯେଉଁମାନେ ଜାତୀୟ ଓ ବିଶ୍ୱସ୍ତରରେ ଉତ୍କୃଷ୍ଟତା ପ୍ରଦର୍ଶନ କରିପାରିବେ । ବିକଶିତ ଭାରତର ଲକ୍ଷ୍ୟ ପୂରଣ ଦିଗରେ ସ୍କୁଲ ଅଫ୍ ଅଲ୍‌ଟିମେଟ୍ ଲିଡରସିପ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O- (PM on Jan)**

ଏହି ଅବସରରେ ଭୁଟାନର ପ୍ରଧାନମନ୍ତ୍ରୀ ଦାସୋ ସେରିଂ ତୋବଗେ କହିଛନ୍ତି ସୋଲ୍ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅନନ୍ୟ ସୃଷ୍ଟି ଏବଂ ଏହା ପ୍ରକୃତ ନେତାଙ୍କୁ ପରିପୃଷ୍ଟ କରିବା ଲାଗି ଏକ ପ୍ରମୁଖ ମଞ୍ଚ । ସେ କହିଛନ୍ତି ଭାରତ ଆଗାମୀ ଦିନରେ ବିକଶିତ ଭାରତରେ ପରିଣତ ହେବାକୁ ଯାଉଛି ।

ଦୁଇଦିନିଆ ସୋଲ୍ ନେତୃତ୍ୱ ସମ୍ମିଳନୀ ଏକ ପ୍ରମୁଖ ମଞ୍ଚ ଭାବରେ କାର୍ଯ୍ୟ କରିବ, ଯେଉଁଠାରେ ରାଜନୀତି, କ୍ରୀଡ଼ା, କଳା, ଗଣମାଧ୍ୟମ, ଆଧ୍ୟାତ୍ମିକ ଦୁନିଆ, ସାର୍ବଜନୀନ ନୀତି ଏବଂ ବ୍ୟବସାୟ ଓ ସାମାଜିକ କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ରର ନେତାମାନେ ସେମାନଙ୍କ ପ୍ରେରଣାଦାୟୀ ଜୀବନଯାତ୍ରାର ଅଂଶୀଦାର ହୋଇପାରିବେ ।

ସ୍କୁଲ ଅଫ୍ ଅଲ୍‌ଟିମେଟ୍ ଲିଡରସିପ୍ ହେଉଛି ଗୁଜୁରାଟର ଏକ ନେତୃତ୍ୱ ନେଉଥିବା ଅନୁଷ୍ଠାନ, ଯାହା ପ୍ରକୃତ ନେତାମାନଙ୍କୁ ଜନମଙ୍ଗଳ ଦିଗରେ ସକ୍ଷମ କରିବା ପାଇଁ ଉଦ୍ଦିଷ୍ଟ । ଆନୁଷ୍ଠାନିକ ପ୍ରଶିକ୍ଷଣ ମାଧ୍ୟମରେ ଭାରତରେ ଯୋଗ୍ୟତା, ପ୍ରତିବଦ୍ଧତା, ଏବଂ ଜନସେବା ପ୍ରତି ଉତ୍ସାହ ମାଧ୍ୟମରେ ଉଭା ହେଉଥିବା ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ଏହାର ଉଦ୍ଦେଶ୍ୟ ।

## ପ୍ରଧାନ-ସିଏମ୍ ଷ୍ଟାଲିନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସମଗ୍ର ବିଶ୍ୱରେ ତାମିଲ ସଂସ୍କୃତି ଓ ଭାଷାକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବା ପାଇଁ ନରେନ୍ଦ୍ର

ମୋଦୀ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଆଜି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନଙ୍କୁ ପତ୍ରଲେଖି ଶ୍ରୀ ପ୍ରଧାନ ଶିକ୍ଷାର ରାଜନୀତିକରଣ ନକରି ଛାତ୍ରଛାତ୍ରୀଙ୍କ ହିତ ପାଇଁ ରାଜନୈତିକ ମତଭେଦରୁ ବାହାରକୁ ବାହାରିବା ପାଇଁ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଜାତୀୟ ଶିକ୍ଷାନୀତିରେ କୌଣସି ଭାଷାକୁ ଲାଗୁ କରିବାକୁ ସମର୍ଥନ କରାଯାଇନାହିଁ । ରାଜନୈତିକ ମତଭେଦ ସତ୍ତ୍ୱେ ଅନେକ ଅଣ ବିଜେପି ଶାସିତ ରାଜ୍ୟ ଶିକ୍ଷାନୀତି କାର୍ଯ୍ୟକାରୀ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଜାତୀୟ ଶିକ୍ଷାନୀତିକୁ ଦୂରଦୃଷ୍ଟି ସହ ବିବେଚନା କରିବା ଏବଂ ପ୍ରଗତିଶୀଳ ଶିକ୍ଷା ସଂସ୍କାରକୁ କାର୍ଯ୍ୟକାରୀ କରିବା ଉଚିତ୍ । ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ପ୍ରଧାନ କହିଛନ୍ତି ନୂଆ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ ହେଉଛି ଶିକ୍ଷାରେ ବିଶ୍ୱସ୍ତରୀୟ ମାନଦଣ୍ଡ ବଜାୟ ରଖିବା ।

## ବିପି-ମେଡ଼ିଟେସନ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ବର୍ତ୍ତମାନ ସମାଜରେ ଚିନ୍ତା ଏବଂ ଅବସାଦ ଆକାରରେ ମାନସିକ ଅଶାନ୍ତି ସୃଷ୍ଟି ହେଉଛି ଓ ଏହାର ଚିକିତ୍ସା ଆମ ପାଇଁ ଆହ୍ୱାନ ପାଲଟିଛି । ଆଜି ନୂଆଦିଲ୍ଲୀରେ ମେଡିଟେସନ ଲିଡର୍ସର ବିଶ୍ୱ ସମ୍ମିଳନୀକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବା କ୍ଷେତ୍ରରେ ଆଶାର କିରଣ ଭାବେ ଧ୍ୟାନ ଉଭା ହୋଇଛି । ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରି ସେ କହିଛନ୍ତି ଏହି ସମ୍ମିଳନୀ ଜାତିସଂଘର ନିରନ୍ତର ବିକାଶ ଅଭିଯାନ ସହ

ଜଡିତ । ବସୁଧୈବ କୁଟୁମ୍ବକମ୍‌ର ପ୍ରାସଙ୍ଗିକତା ଏହାସହିତ ମେଳ ଖାଉଛି ବୋଲି ସେ କହିଛନ୍ତି ।

ଭାରତକୁ ୫ହଜାର ବର୍ଷର ସଭ୍ୟତା ଓ ବିଶ୍ୱର ସାଂସ୍କୃତିକ କେନ୍ଦ୍ର ଭାବେ ଅଭିହିତ କରି ଶ୍ରୀ ଧନଖଡ କହିଛନ୍ତି ମାନବ ଜାତିର ପ୍ରାୟ ଏକ ଷଷ୍ଠାଂଶ ଭାରତରେ ଅଛନ୍ତି, ଯେଉଁମାନେ ଧ୍ୟାନ ଦ୍ୱାରା ଅନେକ ସଫଳତା ହାସଲ କରିଛନ୍ତି । ସେ କହିଛନ୍ତି ନିରନ୍ତର ବିକାଶକୁ ଅଗ୍ରାଧିକାର ଦିଆ ଯାଉନଥିବାରୁ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ଉପୁଜିଛି ।

## ଇସ୍ରାଏଲ-ବଡିଜ୍ ଆଇଡେଣ୍ଟିଫାଏଡ

ଇସ୍ରାଏଲ ପ୍ରତିରକ୍ଷା ବାହିନୀ-ଆଇ.ଡି.ଏଫ୍ କହିଛି ହମାସ୍ ଦ୍ୱାରା ମୁକ୍ତ କରାଯାଇଥିବା ମୃତଦେହ ଗୁଡ଼ିକ ମଧ୍ୟରୁ ଗୋଟିଏ ମୃତଦେହ କୌଣସି ପଣବନ୍ଦୀଙ୍କର ନୁହେଁ । ଗାଜାରୁ ଫେରିଥିବା ୪ଟି ମୃତଦେହ ସିରିବିବାସ ବନ୍ଧକମାନଙ୍କ ମଧ୍ୟରୁ କେହି ନୁହେଁ ବୋଲି ଆଇଡିଏଫ୍ ସ୍ପଷ୍ଟ କରିଛି । ଅନ୍ୟପକ୍ଷରେ ହମାସ୍ ଅସ୍ତ୍ରବିରତି ଲଙ୍ଘନ କରୁଥିବା ଆଇଡିଏଫ୍ ଅଭିଯୋଗ କରିଛି ।

ଆଇଡିଏଫ୍ ଅନୁଯାୟୀ ବିବାସଙ୍କ ଦୁଇ ପୁଅ ଫିର୍ ବିବାସ ଓ ୪ ବର୍ଷୀୟ ଏରିଏଲ ବିବାସଙ୍କ ମୃତଦେହ ଚିହ୍ନଟ କରାଯାଇଛି । ତେବେ ଚତୁର୍ଥ ମୃତଦେହ କୌଣସି ଇସ୍ରାଏଲ ବନ୍ଧକଙ୍କର ନୁହେଁ ଏବଂ ଏହାର ପରିଚୟ ମିଳିପାରି ନାହିଁ ।

ଗତକାଲି ହମାସ୍ ୪ଜଣ ବନ୍ଧକଙ୍କ ମୃତଦେହ ଇସ୍ରାଏଲକୁ ଫେରାଇବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା । ଗତମାସରେ ହୋଇଥିବା ଗାଜା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ଦୁଇ ଶିଶୁ ସେମାନଙ୍କ ମାଆ ଓ ଚତୁର୍ଥ ବନ୍ଧକଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା । ତେଲ୍ଆବିବ୍‌ରେ ହଜାର ହଜାର ଲୋକ ରାଜପଥ କଡ଼ରେ ଛିଡାହୋଇ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଦୁବେ-କ୍ରିଟିକାଲ ମିନେରାଲ୍ସ

ଦେଶରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବାକୁ କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଆହ୍ୱାନ ଦେଇଛନ୍ତି । ଆଜି ନୂଆଦିଲ୍ଲୀରେ ଫିକି ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ସମ୍ପର୍କିତ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଦୁବେ କହିଛନ୍ତି ସରକାର ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ ଆରମ୍ଭ କରିଛନ୍ତି । ଏହାର ଲକ୍ଷ୍ୟ ହେଉଛି ଦେଶୀ ଓ ବିଦେଶୀ ଉତ୍ସରୁ ଖଣିଜ ଉପଲବ୍ଧତା ସୁନିଶ୍ଚିତ କରି ଭାରତର ଗୁରୁତ୍ୱପୂର୍ଣ୍ଣ ଖଣିଜ ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ କରିବା । ଆସନ୍ତା ୭ ବର୍ଷ ପାଇଁ ଏହି ମିଶନରେ ୩୪ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ସେ କହିଛନ୍ତି ।

ଏହି ଅବସରରେ ଫିକିର ରିପୋର୍ଟକୁ ଉନ୍ମୋଚନ କରି ଶ୍ରୀ ଦୁବେ କହିଛନ୍ତି ବର୍ତ୍ତମାନ ଭାରତ ଗୁରୁତ୍ୱପୂର୍ଣ୍ଣ ଖଣିଜପଦାର୍ଥ ପାଇଁ ବିଭିନ୍ନ ଦେଶ ଉପରେ ନିର୍ଭରଶୀଳ ରହିଛି ।

## ଚମ୍ପିୟାନ୍ସ ଟ୍ରଫି

ଆଇସିସି ଚମ୍ପିୟାନ୍ସ ଟ୍ରଫିରେ ଆଜି ପାକିସ୍ତାନର କରାଚିସ୍ଥିତ ନ୍ୟାସନାଲ ଷ୍ଟାଡିୟମରେ ଆଫଗାନିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରୁ ମ୍ୟାଚ୍ ଆରମ୍ଭ ହେବ । ହସମତୁଲ୍ଲା ସାହିଦି ଆଫଗାନିସ୍ତାନ ଦଳର ନେତୃତ୍ୱ ନେଉଥିବାବେଳେ ଟେମ୍ବା ବାଭୁମା ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେଉଛନ୍ତି ।

ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ଗ୍ରୁପ୍-ଏର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ' ବାଂଲାଦେଶକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରି ବିଜୟଯାତ୍ରା ଆରମ୍ଭ କରିଛି । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ସମସ୍ତ ଓ୍ୱିକେଟ୍ ହରାଇ ୨୨୮ରନ୍ ସଂଗ୍ରହ କରିଥିଲା । ଜବାବରେ ଭାରତ ମାତ୍ର ୪ ଓ୍ୱିକେଟ୍ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

## ଫୁଟବଲ-ଆଇଏସ୍ଏଲ୍

ଇଣ୍ଡିଆନ୍ ସୁପର ଲିଗ୍ ଫୁଟବଲରେ ଆଜି ସଂଧ୍ୟାରେ ସିଲଙ୍ଗର ଜବାହରଲାଲ ନେହେରୁ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଫୁଟବଲ କ୍ଲବ ଓ ବେଙ୍ଗାଲୁରୁ ଫୁଟବଲ କ୍ଲବ ମଧ୍ୟରେ ମୁକାବିଲା ହେବ । ଭାରତୀୟ

ସମୟ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଏପର୍ଯ୍ୟନ୍ତ ହୋଇଥିବା ମ୍ୟାଚ୍ ଗୁଡ଼ିକରେ ନର୍ଥଇଷ୍ଟ ୨୧ଟି ମ୍ୟାଚ୍‌ରୁ ୩୨ପଏଣ୍ଟ ସହ ତାଲିକାର ଚତୁର୍ଥ ସ୍ଥାନରେ ରହିଥିବାବେଳେ ବେଙ୍ଗାଲୁରୁ ୨୦ଟି ମ୍ୟାଚ୍‌ରୁ ୩୧ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି ।

ଗତରାତିରେ କଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ମ୍ୟାଚ୍‌ରେ ଜାମ୍‌ସେଦପୁର ଫୁଟବଲ କ୍ଲବ ୨-୦ ଗୋଲ୍‌ରେ ମହମ୍ମଦାନ ସ୍ପୋର୍ଟିଂ କ୍ଲବକୁ ପରାସ୍ତ କରିଛି । ଇଣ୍ଡିଆନ୍ ସୁପର ଲିଗ୍‌ରେ ମୋହନ ବାଗାନ ସୁପରଜାଏଣ୍ଟ ଏବଂ ଫୁଟବଲ କ୍ଲବ ଗୋଆ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିବାବେଳେ ଜାମ୍‌ସେଦପୁର ଫୁଟବଲ କ୍ଲବ ତାଲିକାର ତୃତୀୟ ସ୍ଥାନରେ ରହିଛି ।